# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 11 June – 2024

---

# ମନ୍ତ୍ରିମଣ୍ଡଳ-ଦାୟିତ୍ୱ ବଣ୍ଟନ

ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କର ବିଭାଗ ବଣ୍ଟନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ପାଖରେ କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ୍ ପ୍ରଶାସନ, ଆଣବିକ ଶକ୍ତି, ମହାକାଶ ଆଦି ବିଭାଗ ରଖିଛନ୍ତି । ରାଜନାଥ ସିଂହଙ୍କୁ ପ୍ରତିରକ୍ଷା, ଅମିତ ଶାହାଙ୍କୁ ସ୍ୱରାଷ୍ଟ୍ର, ସମବାୟ ମନ୍ତ୍ରଣାଳୟ, ନିର୍ମଳା ସୀତାରମଣଙ୍କୁ ଅର୍ଥ ଓ କର୍ପୋରେଟ୍ ବ୍ୟାପାର, ନୀତିନ ଗଡ଼କରୀଙ୍କୁ ସଡ଼କ ପରିବହନ ଓ ରାଜପଥ, ଜେ.ପି. ନଡ୍ଡାଙ୍କୁ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଏବଂ ରସାୟନ ଓ ସାର, ଶିବରାଜ ସିଂ ଚୌହାନଙ୍କୁ କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟ, ଡକ୍ଟର ଏସ୍.ଜୟଶଙ୍କରଙ୍କୁ ବୈଦେଶିକ ବ୍ୟାପାର ଦାୟିତ୍ୱ ଅର୍ପଣ କରାଯାଇଛି ।

ମନ୍ତ୍ରିପରିଷଦର ସଦସ୍ୟ ଥିବା ଓଡ଼ିଶାର ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶିକ୍ଷା, ଜୁଏଲ ଓରାମଙ୍କୁ ଆଦିବାସୀ ବ୍ୟାପାର ଏବଂ ଅଶ୍ୱିନୀ ବୈଷ୍ଣବଙ୍କୁ ରେଳ ମନ୍ତ୍ରଣାଳୟ ସହ ସୂଚନା ଓ ପ୍ରସାରଣ ବିଭାଗ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଛି ।

---

# କେନ୍ଦ୍ରୀୟ ଅନୁଦାନ

କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଟିକସ ହସ୍ତାନ୍ତର କିସ୍ତି ବାବଦରେ ଚଳିତମାସରେ ୧ ଲକ୍ଷ ୩୯ ହଜାର ୭୫୦ କୋଟି ଟଙ୍କା ପ୍ରଦାନ କରିବେ । ଏ ବାବଦରେ ଓଡ଼ିଶାକୁ ୬ ହଜାର ୩୨୭ କୋଟି ୯୨ ଲକ୍ଷ ଟଙ୍କା ମିଳିବ ବୋଲି ଅର୍ଥ ମନ୍ତ୍ରଣାଳୟ ସୂଚନା ଦେଇଛି । ଚଳିତ ଆର୍ଥିକ ବର୍ଷର ମଧ୍ୟବର୍ତ୍ତୀକାଳୀନ ବଜେଟ୍‌ରେ ରାଜ୍ୟଗୁଡ଼ିକୁ ଟିକସ ହସ୍ତାନ୍ତର ବାବଦରେ ୧୨ ଲକ୍ଷ ୧୯ ହଜାର ୭୮୩ କୋଟି ଟଙ୍କା ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।

---

# ଶୀତଲଷଷ୍ଠୀ

ସମ୍ବଲପୁରରେ ଉତ୍ସାହ ଉଦ୍ଦୀପନା ସହ ଶୀତଲଷଷ୍ଠୀ ଯାତ୍ରା ଚାଲିଛି । ଗତକାଲି ରାତିରେ ଶିବ ପାର୍ବତୀ ବିବାହ ଅନୁଷ୍ଠିତ ହୋଇଥିଲା । ନନ୍ଦପଡ଼ାର ବମ୍ବରାଡ ବାଲୁଙ୍କେଶ୍ୱର ବାବା ମୁଦିପଡ଼ାର ଯାଗେଶ୍ୱର ବାବା, ଝାଡୁଆପଡ଼ାର ଲୋକନାଥ ବାବା ଏବଂ ବଡ଼ବଜାରର ଶୀତଳେଶ୍ୱର ବାବାଙ୍କର ବିବାହ ଶୀତଲଷଷ୍ଠୀ କମିଟି ଗୁଡ଼ିକ ପକ୍ଷରୁ ସଂପନ୍ନ କରାଯାଇଛି । ଦେବଦେବ ମହାଦେବଙ୍କୁ ବରବେଶରେ ସୁସଜ୍ଜିତ କରାଯିବା ସହ ମଧ୍ୟରାତ୍ରିରେ ମହାଆଳତି କରାଯାଇଥିଲା । ଏହାପରେ ଠାକୁରଙ୍କର ବରାନୁଗମନ ହୋଇଥିଲା । ବେଦୀରେ ମହାଦେବଙ୍କ ସହ

ମାତା ପାର୍ବତୀଙ୍କର ସଂପୂର୍ଣ୍ଣ ଲୋକାଚାର ଏବଂ ବୈଦିକ ରୀତିରେ ବିବାହ ଅନୁଷ୍ଠିତ ହୋଇଥିଲା । ଦେବଦମ୍ପତି ଆଜି ନଗରପରିକ୍ରମା କରିବେ ।

ସେହିଭଳି ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିରରେ ରୀତୀନିତି ଅନୁଯାୟୀ ମହାଦେବଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି । ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ପରମ୍ପରା ଅନୁଯାୟୀ ଶିବ ବିବାହ ହୋଇଛି । ଚନ୍ଦ୍ରଶେଖର ପୀଠରୁ ଶିବ ପାର୍ବତୀଙ୍କୁ ଦେଓଗାଁ ଠାରେ ବଳଦେବଜୀଉ ମନ୍ଦିରରେ ରଖାହେବା ପରେ ମହାଦେବଙ୍କୁ ଚନ୍ଦନ ମଣ୍ଡପରେ ରଖାଯାଇଥିଲା । ଏହାପରେ ବିବାହ ଅନୁଷ୍ଠିତ ହୋଇଥିଲା ।

# ବିଜେପି ବିଧାୟକ ଦଳ ବୈଠକ

ଓଡ଼ିଶା ବିଜେପି ବିଧାୟକ ଦଳ ବୈଠକ ରାଜ୍ୟ କାର୍ଯ୍ୟାଳୟ ଠାରେ ଆଜି ଅପରାହ୍ନରେ ବସି ବିଧାୟକ ଦଳ ନେତା ଚୟନ କରାଯିବ । ଏଥିରେ ଦୁଇ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ ଏବଂ ଭୂପେନ୍ଦ୍ର ଯାଦବ ପର୍ଯ୍ୟବେକ୍ଷକ ଭାବେ ଯୋଗଦେବେ । ନେତା ଚୟନ ପରେ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା ସହ ଦଳ ପକ୍ଷରୁ ନୂତନ ସରକାର ଗଠନ ନେଇ ରାଜ୍ୟପାଳଙ୍କ ପାଖରେ ଦାବି ଉପସ୍ଥାପନ କରାଯିବ । ଆସନ୍ତାକାଲି ଭୁବନେଶ୍ୱର ଜନତା ମଇଦାନଠାରେ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।

ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ବହୁ କେନ୍ଦ୍ରମନ୍ତ୍ରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ପିଏମ୍ ଆବାସ

ପ୍ରଧାନମନ୍ତ୍ରୀ ଆବାସ ଯେଜାନା ଅଧୀନରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଅତିରିକ୍ତ ୩ କୋଟି ଗୃହ ନିର୍ମାଣ ପାଇଁ ସରକାର ସହାୟତା ପ୍ରଦାନ କରିବେ । କେନ୍ଦ୍ର କ୍ୟାବିନେଟ୍‌ର ଗତକାଲିର ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ୨୦୧୫-୧୬ ମସିହାରୁ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଯୋଗ୍ୟ ପରିବାରଗୁଡ଼ିକୁ ଗୃହ ନିର୍ମାଣ ସହାୟତା ପ୍ରଦାନ ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ ହୋଇଆସୁଅଛି । ଏହି ଯୋଜନା ଅଧୀନରେ ଗତ ୧୦ବର୍ଷ ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ୪ କୋଟି ୨୧ ଲକ୍ଷ ଆବାସ ନିର୍ମାଣ ସଂପୂର୍ଣ୍ଣ ହୋଇଛି ।

## ଜୁନିୟର ରକ୍ଷକ କାର୍ଯ୍ୟକ୍ରମ

ଢେଙ୍କାନାଳ ଜିଲ୍ଲାରେ ପରିବହନ ବିଭାଗର ଜୁନିୟର ରକ୍ଷକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଦୁଇଟି ପର୍ଯ୍ୟାୟରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ମନୋନୀତ ହୋଇଥିବା ୬୦୦ ଏନ୍‌ସିସି କ୍ୟାଡେଟ୍‌ଙ୍କୁ ସଡ଼କ ସୁରକ୍ଷା ଏବଂ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା ପ୍ରଦାନ ସଂକ୍ରାନ୍ତ ପ୍ରଶିକ୍ଷଣ ଦିଆଯାଉଛି । ଗତକାଲି ପ୍ରଥମ ଦିନରେ ୨୫୦ଜଣ କ୍ୟାଡେଟ୍ ପ୍ରଶିକ୍ଷିତ ହୋଇଥିବା ବେଳେ ଆଜି ୩୫୦ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ପରିବହନ

ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନାରେ ପହଞ୍ଚାଇଲେ ସରକାରଙ୍କ ପକ୍ଷରୁ ୨ ହଜାରଟଙ୍କା ପୁରସ୍କାର ରାଶିର ବ୍ୟବସ୍ଥା ରହିଛି ବୋଲି ବିଭାଗ କହିଛି ।

---

## +୨ ଇନ୍‌ଷ୍ଟାଣ୍ଟ୍ ପରୀକ୍ଷା

ଚଳିତ ବର୍ଷ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ତତ୍କାଳ ପରୀକ୍ଷା ପାଇଁ ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ଆରମ୍ଭ ହେଉଛି । ଆସନ୍ତାକାଲି ଆବେଦନ କରିବାର ଶେଷ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ୧୩ ତାରିଖ ସୁଦ୍ଧା ଛାତ୍ରଛାତ୍ରୀମାନେ ପ୍ରମାଣପତ୍ର ଅପ୍‌ଲୋଡ୍ କରିବେ । ୨୦ ତାରିଖ ସୁଦ୍ଧା ଆଡମିଟ୍‌କାର୍ଡ ପ୍ରଦାନ କରାଯିବ ଏବଂ ୨୮ ତାରିଖ ଦିନ ପରୀକ୍ଷା ଅନୁଷ୍ଠିତ ହୋଇ ଜୁଲାଇ ୧୫ ତାରିଖରେ ଫଳ ପ୍ରକାଶ କରାଯିବ ବୋଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ସୂଚନା ଦେଇଛି ।

---

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିଥିଲେ ମଧ୍ୟ ପାଗ ଅନୁକୂଳ ନ ଥିବାରୁ ଏହା ଅନ୍ୟ ଅଞ୍ଚଳକୁ ଅଗ୍ରସର ହେଉ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି । ସେ କହିଛନ୍ତି, ଆଗାମୀ ୩ରୁ ୪ ଦିନ ଯାଏ ମୌସୁମୀ ବାୟୁ ଅନ୍ୟ ଅଞ୍ଚଳକୁ ପ୍ରବେଶ କରିବାର ସମ୍ଭାବନା ନାହିଁ । ତେବେ ପାଗ ଅନୁକୂଳ ରହିଲେ ମୌସୁମୀ ବାୟୁ ପୁଣି ଅଗ୍ରସର ହେବ ।

ଅନ୍ୟପକ୍ଷରେ ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିଛି । ତେବେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ନେଇ ଆଜି ୯ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।